ସକାଳ
THE SAKALA



www.sakalaepaper.com

**ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ**

# ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି; ସଜେଇ ହେଉଛି ସହର

ରାଇରଙ୍ଗପୁର, ୨।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଇରଙ୍ଗପୁର ଚଳଚଞ୍ଚଳ ହୋଇଉଠିଛି। ରାଇରଙ୍ଗପୁର ସମେତ ଉପରବେଡ଼ା, ପାହାଡ଼ପୁର, ଯଶିପୁର ଓ ଶିମିଳିପାଳ ଆଦି ସ୍ଥାନରେ



ଜୋରଦାର ପ୍ରସ୍ତୁତି ହେଉଛି। ସମୟ ଯେତେ ପାଖେଇ ପାଖେଇ ଆସୁଛି ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସେତିକି ବଢ଼ି ବଢ଼ି ଚାଲିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମ ନେଇ ଜିଲ୍ଲା ପ୍ରଶାସନ ମଧ୍ୟରେ ଚଞ୍ଚଳତା ବାରି ହୋଇପଡ଼ିଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ, ଜିଲ୍ଲାପାଳ, ଏଡିଜି, ଡିଆଇଜି ଓ ଏସପିଙ୍କ ସମେତ ଅନ୍ୟ ଅଧିକାରୀ ନିୟମିତ ରାଇରଙ୍ଗପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

୪ରୁ ୬ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ଏ ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ଉଦଘାଟନ କରିବେ। ଏହାସହିତ ଘରକୁ ଯିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ନିଜ ଗ୍ରାମ ଉପରବେଡା ଓ ପାହାଡ଼ପୁର ଯିବେ। ତେଣୁ ଟେଣ୍ଟ କାର୍ଯ୍ୟ ଶେଷ ହୋଇଥିବାବେଳେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଶିମିଳିପାଳ ଅଭୟାରଣ୍ୟର ରହଣି ନେଇ ପ୍ରସ୍ତୁତି ଜୋରଦାର ଜାରି ରହିଛି। ତ୍ରୁଟିଶୂନ୍ୟ କାର୍ଯ୍ୟକ୍ରମ ପାଇଁ ପ୍ରଶାସନିକ ସ୍ତରରେ ଜୋରଦାର ପ୍ରସ୍ତୁତି ହେଉଛି। କଚେରୀ ପଡ଼ିଆରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ, ଓୟୁଏଟି, ଆର୍ଚେରୀ କେନ୍ଦ୍ର, ରାଇରଙ୍ଗପୁର ସହର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ପୌରପାଳିକା ସମ୍ମିଳନୀ କକ୍ଷ ଓ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ୩୬୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଓ ନିଶା ନିବାରଣ କେନ୍ଦ୍ର ଆଦିର ଶିଳାନ୍ୟାସ ସହ ଆଇଟି କେନ୍ଦ୍ରର ଉଦଘାଟନ ଭର୍ଚୁଆଲ ମୋଡ଼ରେ କରିବେ। ଯାହାକୁ ନେଇ କଚେରୀ ପଡ଼ିଆରେ ସ୍ୱତନ୍ତ୍ର ସଭା ପାଇଁ ପ୍ୟାଣ୍ଡେଲ ପ୍ରସ୍ତୁତ କରାଯାଇଛି। ଉକ୍ତ ସ୍ଥାନକୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ



ପୁନମ ଗୁହା, ଜିଲ୍ଲାପାଳ ହେମକାନ୍ତ ସୟ, ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ ପରିଦର୍ଶନ କରିଛନ୍ତି। ପ୍ରସ୍ତୁତି କାର୍ଯ୍ୟର ତଦାରଖ କରି ଆବଶ୍ୟକ କାର୍ଯ୍ୟକୁ ସମ୍ପାଦନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଜିଲ୍ଲାପାଳ ଶ୍ରୀ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ହେଉଛି। ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀ ନିଜେ କାର୍ଯ୍ୟ ତଦାରଖ କରୁଛନ୍ତି। ପ୍ରତିଦିନ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ରାଷ୍ଟ୍ରପତିଙ୍କ ଜିଲ୍ଲା ଗସ୍ତକୁ ସଫଳ କରିବାକୁ ଜିଲ୍ଲା ପ୍ରଶାସନ ପ୍ରଚେଷ୍ଟା ଜାରି ରଖିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଯେଭଳି କୌଣସି ତ୍ରୁଟି ନ ହୁଏ, ସେଥିପ୍ରତି ପ୍ରଶାସନିକ ଅଧିକାରୀ ସଚେତନ ରହିଛନ୍ତି। ଏହାସହିତ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏଡିଜି ପ୍ରବୀଣ କୁମାର, ପୂର୍ବାଞ୍ଚଳ ଆଇଜି ପିନାକ ମିଶ୍ର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ପ୍ରତିଦିନ ସୁରକ୍ଷା ବ୍ୟବସ୍ଥାର ନିଜେ ଗ୍ରାଉଣ୍ଡରୁ ତଦାରଖ ସହ ସମୀକ୍ଷା କରୁଛନ୍ତି। ପ୍ରତି କାର୍ଯ୍ୟକ୍ରମ ସ୍ଥଳରେ ଜଣେ ଲେଖାଏଁ ଅଭିଜ୍ଞ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ବ୍ୟବସ୍ଥା ନେଇ ନିୟୋଜିତ କରାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ସତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର ଫିଡର ବିଦ୍ୟୁତ କେବୁଲ ପକାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଇରଙ୍ଗପୁର ସହରକୁ ପୌରପାଳିକା ପକ୍ଷରୁ ସାଜସଜ୍ଜା ହେଉଛି।

**● କଡ଼ା ସୁରକ୍ଷା ବ୍ୟବସ୍ଥା**

## ସୁରକ୍ଷା ଦାୟିତ୍ୱରେ ୪୫ ପ୍ଲାଟୁନ ପୁଲିସ ଫୋର୍ସ

ରାଇରଙ୍ଗପୁର: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ୩ ଦିନିଆ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବଳୟ ନିମନ୍ତେ ୪୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେବ। ଏଥିସହିତ ୫ ଜଣ ଏସପି ର୍‍ୟାଙ୍କ ଅଫିସର ରହିବେ। ସେହିପରି ୧୫ ଜଣ ଅତିରିକ୍ତ ଏସପି, ୩୦ ଜଣ ଡିଏସପି, ୭୧ ଜଣ ଇନ୍ସପେକ୍ଟର, ୧୯୬ ଜଣ ଏସଆଇ ଓ ଏଏସଆଇ, ୮ ଜଣ ହାବିଲଦାର, ୩୨୮ ଜଣ ଗୃହରକ୍ଷୀଙ୍କ ସମେତ ଅନ୍ୟାନ୍ୟ ଫୋର୍ସ କର୍ମଚାରୀ ମୁତୟନ ହେବେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ପ୍ରତିଦିନ ବରିଷ୍ଠ ପୁଲିସ ଅଧିକାରୀ ତଦାରଖ ସହ ସମୀକ୍ଷା କରୁଛନ୍ତି। ପ୍ରତି ଗସ୍ତ ସ୍ଥାନ, କାର୍ଯ୍ୟକ୍ରମ ସ୍ଥଳ, ହେଲିପ୍ୟାଡ୍‌ର ଜଣେ ଲେଖାଏଁ ଅଭିଜ୍ଞ ବରିଷ୍ଠ ପୁଲିସ ଅଧିକାରୀ ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ସୁରକ୍ଷା ବ୍ୟବସ୍ଥା ନେଇ ନିୟୋଜିତ କରାଯାଇଛି। ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ରହଣି ସ୍ଥଳର ବ୍ୟବସ୍ଥା, ହେଲିପ୍ୟାଡ ଆଦିରେ ବ୍ୟବସ୍ଥା କିପରି ହେବ, ସେ ନେଇ ପୁଲିସ ବିଭାଗ ସଚେତନ ରହିଛି। ରାଇରଙ୍ଗପୁର, ଯଶିପୁର ଓ ଶିମିଳିପାଳରେ ସତନ୍ତ୍ର ପୁଲିସ କର୍ମଚାରୀଙ୍କ ସମେତ ରିଜର୍ଭ ପୁଲିସ ଫୋର୍ସ ମୁତୟନ ନେଇ ଦାୟିତ୍ୱ ପ୍ରଦାନ ହୋଇଛି। ରାଷ୍ଟ୍ରପତିଙ୍କ ୩ଦିନିଆ ଗସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ ନେଇ ନିୟମିତ ଭାବେ ଯାଞ୍ଚ ପ୍ରକ୍ରିୟା ହେଉଛି।

## ରାଣୀପୋଖରୀ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ




ଶରତ, ୨।୨(ସମିସ): ରାଣୀପୋଖରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଇକୋ କ୍ଲବ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମ ଜଳାଶୟ ଚତୁପାର୍ଶ୍ୱ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଇଏସ୍ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗ୍ରୀଷ୍ମଋତୁରେ ଜଳାଶୟର ସଂରକ୍ଷଣ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପୋଖରୀ ଚତୁପାର୍ଶ୍ୱରେ ଆମ୍ବ, ସପେଟା, ପିଜୁଳି, କରମଙ୍ଗା, ଲେମ୍ବୁ, ବରକୋଳି ଗଛ ଲଗାଇ ବାଡ଼ ଦେଇ ସୁରକ୍ଷିତ କରି ଗ୍ରାମବାସୀଙ୍କୁ ଏହାର ରକ୍ଷଣାବେକ୍ଷଣ ପାଇଁ ହସ୍ତାନ୍ତର କରାଯାଇଥିଲା। ଗ୍ରାମବାସୀଙ୍କ ସହାୟତାରେ ପୋଖରୀରୁ ଅଳିଆ ଆବର୍ଜନା ସଫା କରାଯାଇଥିଲା। ବର୍ଜ୍ୟବସ୍ତୁ ପାଇଁ ଦୁଇଟି ଆବର୍ଜନା କୁଣ୍ଡ ପୋଖରୀ ହୁଡ଼ାରେ ରଖାଯାଇଥିଲା। ଅଳିଆକୁ ଏଣେତେଣେ ନ ପକାଇ କୁଣ୍ଡ ବ୍ୟବହାର କରିବାକୁ ଅନୁରୋଧ କରାଯାଇଥିଲା। ଏ ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲ। ଏଥିରେ ୬୦ ଜଣ ଛାତ୍ରଛାତ୍ରୀ, ୧୬ ଜଣ ଶିକ୍ଷକଶିକ୍ଷୟିତ୍ରୀ ଓ ୨୦ ଜଣ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଇକୋ କ୍ଲବ ଶିକ୍ଷକ ଦେବାଶିଷ ସେଠୀ ଓ ଶକ୍ତିକ୍ଲବ ଶିକ୍ଷକ ଲକ୍ଷ୍ମୀକାନ୍ତ ପାତ୍ରଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସ୍ଲୋଗାନ ପ୍ରସ୍ତୁତିରେ ଶ୍ରୀମତୀ ଗୀତାଞ୍ଜଳି ସିଂ, ଚିତ୍ରାଙ୍କନରେ ରେବତୀ ସିଂହ, ରାଲିରେ ସଞ୍ଜୀବ ବାରିକ, ରଘୁନାଥ ନାୟକ, ନିତ୍ୟାନନ୍ଦ ମିଶ୍ର ଓ ମହେନ୍ଦ୍ର ଟୁଡୁ ସହାୟତା ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ କୁନ୍ତଳା ମହାନ୍ତି ଜଳର ମହତ୍ୱ ଓ ଏହାର ସଂରକ୍ଷଣ ପାଇଁ ପଦକ୍ଷେପ ସମ୍ପର୍କରେ ସଚେତନ କରାଇବା ଆମର କର୍ତ୍ତବ୍ୟ ବୋଲି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ସୁନା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତିମୁକ୍ତ ଓଡ଼ିଶା ସମ୍ପର୍କିତ ସଚେତନତା



ରାଇରଙ୍ଗପୁର, ୨।୨ (ସମିସ): କରପସନ୍ ଫ୍ରି ଓଡ଼ିଶା ଓ ସିଟିଜେନ୍ ଫୋରମ୍ ଫୋର୍ ପ୍ରୋଗ୍ରେସିଭ୍ ଓଡ଼ିଶା (ସିଏଫପିଓ) ମିଳିତ ଆନୁକୂଲ୍ୟରେ ବାମନଘାଟୀ ଉପଖଣ୍ଡ ଅଞ୍ଚଳରେ ଦୁର୍ନୀତିମୁକ୍ତ ଓଡ଼ିଶା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂଆଡ଼ିହିସ୍ଥ ଯଦୁନାଥପୁର ଉଚ୍ଚବିଦ୍ୟାଳୟ, ବଡ଼ଡାଳିମାସ୍ଥ ପାର୍ବତୀ ବାଳିକା ଉଚ୍ଚବିଦ୍ୟାଳୟ ଓ ପିଏମଶ୍ରୀ ରାଇରଙ୍ଗପୁର ବାଳିକା ଉଚ୍ଚବିଦ୍ୟାଳୟରେ ଦୁଇଦିନିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କରପସନ୍ ଫ୍ରି ଓଡ଼ିଶାର ପ୍ରତିଷ୍ଠାତା ତଥା ପୂର୍ବତନ ଲୋକାୟୁକ୍ତ ସଦସ୍ୟ ଡଃ ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରି ଉତ୍ସାହିତ କରାଯାଇଥିଲା। ପରେ ସମସ୍ତଙ୍କୁ ଦୁର୍ନୀତି ନିବାରଣ ନେଇ ଶପଥ ପାଠ କରାଯାଇଥିଲା। ସମ୍ପାଦକ ତଥା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହରିହର ଦାସ, ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର, ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମର ସଞ୍ଚାଳିକା ବିକେ ସୁପ୍ରିୟା, ସମାଜସେବୀ କାଶୀନାଥ ହେମ୍ବ୍ରମ, ଛୋଟରାୟ ହେମ୍ବ୍ରମ, ଶ୍ରୀଧର ମହାପାତ୍ର, ପ୍ରଧାନଶିକ୍ଷକ ରାଧାକାନ୍ତ ମହାରଣା, ସୁବଳ ଦାସମହାପାତ୍ର, ଜ୍ଞାନରଞ୍ଜନ ପାଣିଗ୍ରାହୀ, ପ୍ରଧାନଶିକ୍ଷୟିତ୍ରୀ ଋଷିପ୍ରଭା ମହାନ୍ତ, ଶିକ୍ଷକ ଦିଲ୍ଲୀପ ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ରଶ୍ମିତା କବାଟ, ସିଟିଜେନ୍ ଫୋରମ ଫୋର ପ୍ରୋଗ୍ରେସିଭ ଓଡ଼ିଶା ସାଧାରଣ ସମ୍ପାଦକ ଦେବବ୍ରତ ହୋତାଙ୍କ ସମେତ ୩ଟି ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ନୂଆଗାଁ ଏସ୍‌ଏସ୍‌ଡି ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଳିଅଣା, ୨।୨(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ବଡ଼ନୂଆଗାଁସ୍ଥ ସରାକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୁଳିଅଣା ଡବ୍ଲ୍ୟୁଇଓ ବାଙ୍କାନାଥ ପ୍ରଧାନ, ଚାନ୍ଦୁଆ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ପତି, ଆସନଯୋଡା ବାଳିକା ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ, ଏସଏମସି ସଭାପତି ସୁକୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତେଜସ୍ୱିନୀ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ, ଶିକ୍ଷକ, ପରିଚାଳନା କମିଟି ଓ ଅଭିଭାବକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଅତିଥି ଅବଗତ କରିଥିଲେ। ୨୦୨୫ ବାର୍ଷିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖି ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବା ଛାତ୍ରୀ ଦଲାନି ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ତେଜସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ, ପ୍ରଭାତୀ ବାଦ୍ରା, ଭାରତୀ ହେମ୍ବ୍ରମ, ମନ୍ଦାକିନୀ ଲେଙ୍କା, ରଶ୍ମିରେଖା ଟୁଡୁ, କ୍ରୀଡା ଶିକ୍ଷକ ରବୀନ୍ଦ୍ର ସେଠୀ, ହରିହର ପ୍ରଧାନ, ନିରୋଦା ରାଣୀ ତନ୍ତୀ, ଯଶୋଦା ନାଏକ, ରଞ୍ଜିତା ମିଶ୍ର, ସ୍ମୃତିରେଖା ସାମଲ, ମମତା ହାଲଦାର, ପ୍ରକାଶ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପୁଲିସ ଲାଇନ୍ ମନ୍ଦିରରେ ଅଗ୍ନି ଉତ୍ସବ

ବାରିପଦା, ୨।୨(ସମିସ): ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ପୁଲିସ ଲାଇନ ମନ୍ଦିର ପ୍ରାଙ୍ଗଣରେ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟା ସମୟରେ ମନ୍ଦିର ପରିସରରେ ପ୍ରଭୁ ମଦନମୋହନଙ୍କ ଚଳନ୍ତି ପ୍ରତୀମାଙ୍କୁ ଉତ୍ସବ ସ୍ଥଳକୁ ବିଜେ କରାଯାଇ ସେଠାରେ ପୂଜା ହୋମାଦି କର୍ମ ସମାପନ ପରେ ଅଗ୍ନି ସଂଯୋଗ ହୋଇଥିଲା। ମାଘ ପୂର୍ଣ୍ଣିମାରେ ଅଗ୍ନି ଉତ୍ସବର ପ୍ରଜ୍ୱଳିତ ବହ୍ନିକୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଯାହାକୁ ପାଥେୟ କରି ମନ୍ଦିର ପ୍ରାଙ୍ଗଣରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଅଗ୍ନି ସଂଯୋଗ ପରେ ଶ୍ରଦ୍ଧାଳୁ ପ୍ରଜ୍ୱଳିତ ଅଗ୍ନିରେ ଫଳ ମୂଳାଦି ବିଭିନ୍ନ ପ୍ରକାର ସାମଗ୍ରୀ ଅର୍ପଣ କରିଥିଲେ। ଅଗ୍ନି ଶାନ୍ତ ହେବା ପରେ ଅର୍ପଣ ହୋଇଥିବା ସାମଗ୍ରୀର ଅବଶିଷ୍ଟାଂଶକୁ ସଂଗ୍ରହ ପୂର୍ବକ ପ୍ରସାଦ ଭାବେ ଗ୍ରହଣ କରିଥିଲେ ଶ୍ରଦ୍ଧାଳୁ। ମନ୍ଦିରର ମୁଖ୍ୟ ପୂଜକ ପ୍ରମୋଦ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସନ୍ନ ଦାଶ, ପ୍ରଶାନ୍ତ ଦାଶ, ରବୀନ୍ଦ୍ର ଦାଶ, ଶଙ୍କର୍ଷଣ ଆଚାର୍ଯ୍ୟ ପ୍ରମୁଖ ପୂଜା କାର୍ଯ୍ୟ ସମାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ସେବାୟତ ଦୀପକ ମିଶ୍ର, ବିମଳଲୋଚନ ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ଦାଶ, ଭବାନୀଶଙ୍କର ବିଶ୍ୱାଳ, ହରିହର ମଲ୍ଲିକ, ସଚିନ୍ଦ୍ର ପାତ୍ର, ଆଦିତ୍ୟ ନାୟକ, ଆଶିଷ କୁମାର ପୋଥାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ

ଉଦଳା, ୨।୨(ସମିସ): ଖଣ୍ଡିହୁଡ଼ି ତାରିଣୀ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ମହାକାଳେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଆଜି ମନ୍ଦିର ପରିସର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାରିଣୀ ମନ୍ଦିର କମିଟି ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀବତ୍ସ କାଳିଆଙ୍କ ପୌରୋହିତ୍ୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ଏନଏସି ଉପାଧ୍ୟକ୍ଷ ଲିଲି ଭୋଳ, କାଉନସିଲର ଧୀରେନ୍ଦ୍ର ଖଣ୍ଡେଲବାଲ, ପ୍ରହ୍ଲାଦ ଦାସ, ବିଶ୍ୱନାଥ ବେହେରା, ଅନାଦୀ ନାୟକଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦେଇ ଆସନ୍ତା ୧୮, ୧୯ ଓ ୨୦ ତାରିଖ ତିନି ଦିନ ଧରି ପ୍ରତିଷ୍ଠା ଉତ୍ସବ ହେବ ବୋଲି ଚୂଡ଼ାନ୍ତ ହୋଇଥିଲା।

## ଶିକ୍ଷା ଓ ସଂସ୍କୃତିର ବିକାଶ ନେଇ ବୈଠକ

ରାଇରଙ୍ଗପୁର, ୨।୨(ସମିସ): ଆଦିବାସୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ (ଆସେକା)ର ତିରିଂସ୍ଥ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିକ୍ଷା ଓ ସଂସ୍କୃତିର ବିକାଶ ନେଇ ସିଟିଜେନ୍ ଫୋରମ୍ ଫର ପ୍ରୋଗ୍ରେସିଭ ଓଡ଼ିଶାର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦେବବ୍ରତ ହୋତା ତିରିଂ ଆସେକାର ବରିଷ୍ଠ ସଦସ୍ୟ ଛୋଟରାୟ ହେମ୍ବ୍ରମ, ରାମରରାୟ ମାଝି, ଉଦୟ ମାଝୀ, କୁଆଁର ମୁର୍ମୁ, ସୁଗଦା ମାଝୀଙ୍କ ସହ ଆଦିବାସୀ ସମାଜରେ ବିଭିନ୍ନ ସମସ୍ୟା ଓ ତାହାର ସ୍ଥାୟୀ ସମାଧାନ ଉପରେ ଆଲୋଚନା କରି ଗଠନମୂଳକ ମତାମତ ଓ ପରାମର୍ଶ ଲୋଡିଥିଲେ। ଏ ଅଞ୍ଚଳରେ ଶିକ୍ଷା, ସଂସ୍କୃତି ଓ ପର୍ଯ୍ୟଟନର ପ୍ରଚାର ଓ ଉନ୍ନତି ପାଇଁ ଏକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ବିଶିଷ୍ଟ ଆଦିବାସୀ ନେତା ତଥା ସମାଜସେବୀ କାଶୀନାଥ ହେମ୍ବ୍ରମ ଓ ମୟୂରଭଞ୍ଜ କିସ୍ ବିଦ୍ୟାଳୟର ପ୍ରିନ୍ସିପାଲ୍ ଗଣେଶ ମିଶ୍ର ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସରକାରଙ୍କ ଅନୁଦାନ ଓ ତିରିଂ ଆସେକାର କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମ କ୍ରମେ ଅତି ସୁନ୍ଦର ଭାବେ ନୂତନ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ ଓ ପାଠାଗାର ନିର୍ମାଣ କରାଯାଇଛି। ଯାହା ଏ ଅଞ୍ଚଳରେ ସାମାଜିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ଆୟୋଜନରେ ସହାୟକ ହେଉଛି। ଗଣେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱବିଦ୍ୟାଳୟ ଜାହିରା ପୀଠରେ ବିଦୁ ଚାନ୍ଦାନ ପୂଜା

ବାରିପଦା, ୨।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗ ଓ ହେରିଟେଜ୍ କ୍ଲବ ଦ୍ୱାରା ବିଶ୍ୱବିଦ୍ୟାଳୟର ପବିତ୍ର କୁଞ୍ଜରେସ୍ଥ ଜାହିରା ପୀଠରେ ଜ୍ଞାନ, ବୁଦ୍ଧି, ଶିକ୍ଷା ଓ ସମସ୍ତ କଳାର ପ୍ରତିନିଧିତ୍ୱ କରୁଥିବା ଦେବାଦେବୀ ବିଦୁ ଚାନ୍ଦାନଙ୍କ ପୂଜା ମାଘ ପୂର୍ଣ୍ଣିମାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗ ସଂଯୋଜକ ଡ. ଯତୀନ୍ଦ୍ର ନାଥ ବେଶ୍ରାଙ୍କ ତତ୍ତ୍ୱାବଧାନତାରେ ପାରମ୍ପରିକ ନୃତ୍ୟର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ନାୟକେ ଆନପା କିସ୍କୁଙ୍କ ଦ୍ୱାରା ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରେ ସମସ୍ତେ ବିଦୁ ଚାନ୍ଦାନ ନେହର ଗାନ କରିଥିଲେ ଓ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ଓ ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତିଥି ଅଧ୍ୟାପକ ପୀଲଚୁଆନୁ ଠାକୁର ମୁର୍ମୁ ଓ ଅଧ୍ୟାପିକା ନାନଗୀ ମାଣ୍ଡି, ଗବେଷକ ସଞ୍ଜୟ କୁମାର ହେମ୍ବ୍ରମ ଓ ଦୁର୍ଗା ସୋରେନ, ବିଭାଗର ଛାତ୍ରଛାତ୍ରୀ ଗଣେଶ ଟୁଡୁ, ପାଣ୍ଡୁ କୁମାର ମୁର୍ମୁ, ଧାନୀ ପ୍ରୀୟା ସୋରେନ, ସଙ୍ଗୀତା ମୁର୍ମୁ, ମମତା, ଲକ୍ଷ୍ମୀ, ସଞ୍ଜିବ, ଶ୍ରୀଧର, ବାଲହି, ସୁନିତା ଉପସ୍ଥିତ ଥିଲେ।

## ଜାତୀୟ ରଗ୍‌ବୀ ପ୍ରତିଯୋଗିତାରେ ମୟୂରଭଞ୍ଜ ଯୁବ ଖେଳାଳିଙ୍କ ସଫଳତା



ବାରିପଦା, ୨।୨(ସମିସ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ଅସ୍ମିତା ରଗ୍‌ବୀ ଲିଗ୍ ନ୍ୟାସନାଲରେ ମୟୂରଭଞ୍ଜର ଯୁବ ଖେଳାଳି ସଫଳ ହୋଇଛନ୍ତି। ରାଇରଙ୍ଗପୁର ବ୍ଲକର ଲିଜା ମାଝୀ ଓ ବାଙ୍ଗିରିପୋଷି ବ୍ଲକର ପାମା ମୁର୍ମୁ ଓଡ଼ିଶା ବାଳିକା ଜୁନିୟର ରଗ୍‌ବୀ ଦଳ ପକ୍ଷରୁ ଖେଳି ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିପରି ଓଡ଼ିଶା ସ୍କୁଲ ରଗ୍‌ବୀ ଦଳରେ ମୟୂରଭଞ୍ଜ ଜିଲ୍ଲାରୁ ୫ ଜଣ ଖେଳାଳି ସ୍ଥାନ ପାଇଥିଲେ। ଖୁଣ୍ଟା ବ୍ଲକର ପୁଷ୍ପରାଣୀ ହାଁସଦା, ମଣ୍ଟୁ ଟୁଡୁ, ଶାମାଖୁଣ୍ଟା ବ୍ଲକର ମମତା ମୁର୍ମୁ, ରାଇରଙ୍ଗପୁର ବ୍ଲକର ସୁବାସ ହାଁସଦା ଓ ତିରିଂ ବ୍ଲକର ସିମଲ ବାସ୍କେ ଦିଲ୍ଲୀରେ ଆୟୋଜିତ ଏସଜିଏଫଆଇ ୧୯ ବର୍ଷରୁ କମ୍ ରଗବି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ମହାରାଷ୍ଟ୍ର ସହ ଖେଳିବା ସମୟରେ ସୁବାସ ହାଁସଦା ଓ ମଣ୍ଟୁ ଟୁଡୁ ଟାଇ କରି ଦଳ ପାଇଁ ସ୍ୱର୍ଣ୍ଣପଦକ ଜିତିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିବାହ କରିଥିଲେ। ମୟୂରଭଞ୍ଜର ବାଳିକା ଓ ବାଳକମାନେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏମଡିଆରଏଫଏର ରାଜଦୂତ ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ମୁଖ୍ୟ ପରାମର୍ଶଦାତା ବାବା ଧଳାରାମ ହାଁସଦା, କୋଚ୍ ଜିତେନ୍ଦ୍ର ସିଂହ, ସଚିବ ଜେ. ସୁଶୀଲ ହେମ୍ବ୍ରମ, ଏସଏସ ଆଣ୍ଡ ଏଏ ସଭାପତି ସର୍ଦ୍ଦାର ହେମ୍ବ୍ରମ ଓ ସଚିବ ସୁକେନ୍ଦୁ ଦାସ ସମସ୍ତ ଖେଳାଳି ଓ ଓଡ଼ିଶା ରାଜ୍ୟ ରଗ୍‌ବୀ ଦଳ ସହ ସମ୍ପୃକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସଫଳତା ମୟୂରଭଞ୍ଜ ଜିଲ୍ଲାର ଯୁବ ଖେଳାଳିଙ୍କ ପାଇଁ ପ୍ରେରଣା ହେବ ବୋଲି ଆଶା କରାଯାଉଛି।

## ଜାତୀୟ ପ୍ରତିଯୋଗିତାରେ ରଞ୍ଜନ ଓ ଆୟୁଷ୍ମାନଙ୍କ ବ୍ରୋଞ୍ଜ ପଦକ ହାସଲ

ବାରିପଦା, ୨।୨(ସମିସ): ଉତ୍ତରପ୍ରଦେଶର କାନପୁରରେ ଆୟୋଜିତ ଜାତୀୟ ନନ୍‌ଚାକୁ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୨ ଜଣ ପ୍ରତିଯୋଗୀ ଓଡ଼ିଶା ଦଳରେ ସ୍ଥାନ ପାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରଞ୍ଜନ ପୃଷ୍ଟି କୁମିତେ ଓ ଫ୍ରିଷ୍ଟାଇଲରେ, କାଟା ବର୍ଗରେ ବ୍ରୋଞ୍ଜ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆୟୁଷ୍ମାନ କୁମିଟେ ବର୍ଗରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ଏହି ସଫଳତା ପାଇଁ ଜିଲ୍ଲା କରାଟେ ସଂଘର ସମ୍ପାଦକ ଯଦୁନାଥ ନାୟକ, ପ୍ରଶିକ୍ଷକ ଶ୍ରୀକାନ୍ତ ବାରିକ ଓ ଅନ୍ୟ ସଦସ୍ୟ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ୧୮ ଜଣିଆ ଓଡ଼ିଶା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୨ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା।




**ରାସ୍ତା ନିର୍ମାଣକୁ ନେଇ ପୂର୍ତ୍ତ ଓ ନଗର ଉନ୍ନୟନ ବିଭାଗ ମଧ୍ୟରେ ଦ୍ୱନ୍ଦ୍ୱ**

# ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସାଂସଦ ମମତା

ବାରିପଦା, ୨।୨(ସମିସ): ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏକ ପତ୍ର ଲେଖି ନଗର ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ମଧ୍ୟରେ ରାସ୍ତା ନିର୍ମାଣକୁ ନେଇ ଏକ ନୀତିଗତ ବିବାଦରର ଅବସାନ ପାଇଁ ଅନୁରୋଧ କରିଛନ୍ତି।

ସୂଚନା ମୁତାବକ, ଓଡ଼ିଶାର ରାସ୍ତା ନିର୍ମାଣ ନିମନ୍ତେ ଓଡ଼ିଶା ରାଜ୍ୟ ରାସ୍ତା ଅଧିନିୟମ ୨୦୨୫, ୩।୪।୨୫ରିଖ ପତ୍ର ସଂଖ୍ୟା ୬୫୦୪ରେ ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଛି। ନୂତନ ରାଜ୍ୟରସ୍ତା ନିର୍ମାଣ ଅଧିନିୟମ ୨୦୨୫ ଅନୁସାରେ ନଗର ଉନ୍ନୟନ ବିଭାଗ ମଧ୍ୟରେ ଆସୁଥିବା ସମସ୍ତ ପୌର ପରିଷଦ, ମହାନଗର ନିଗମ ଅଞ୍ଚଳ ମଧ୍ୟଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ନଗର ଉନ୍ନୟନ ବିଭାଗ ଦ୍ୱାରା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏପରିକି ପୌରପରିଷଦ ଦେଇ ଯାଇଥିବା ସମସ୍ତ ବାଇପାସ ରାସ୍ତାର ନିର୍ମାଣ ଓ ରକ୍ଷାଣାବେକ୍ଷଣ କାର୍ଯ୍ୟ ମଧ୍ୟ ନଗର ଉନ୍ନୟନ ବିଭାଗ କରିବ ବୋଲି ନିଷ୍ପତ୍ତି ହୋଇଛି। ତେଣୁ ନୂତନ ନିୟମ ଅନୁସାରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ସଚିବଙ୍କ ପତ୍ର ସଂଖ୍ୟା ୧୮୩୭୯, ୧୮।୯।୨୦୨୫ ପତ୍ର ମାଧ୍ୟମରେ ନଗର ଉନ୍ନୟନ ସଚିବଙ୍କୁ ଉପରୋକ୍ତ ବିଷୟବସ୍ତୁ ଜଣାଇଥିଲେ। ନିୟମାନୁଯାୟୀ ପୂର୍ତ୍ତ ସଚିବଙ୍କ ଚିଠି ମୁତାବକ ନଗର ଉନ୍ନୟନ ବିଭାଗ ସମ୍ପୃକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ଅଧୀନରୁ ନିଜ ଅଧୀନକୁ ଆଣି ତା'ର ନିର୍ମାଣ ଓ ରକ୍ଷାଣାବେକ୍ଷଣ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ଉଚିତ। ଆଜି ପର୍ଯ୍ୟନ୍ତ ସେହି ରାସ୍ତାକୁ ନଗର ଉନ୍ନୟନ ବିଭାଗ ନିଜ ଅଧୀନକୁ ଆଣିବାର ସୂଚନା ମଧ୍ୟ ଦେଇନାହିଁ। ଫଳରେ ପୌରପରିଷଦ ସମ୍ପୃକ୍ତ କାର୍ଯ୍ୟ ହାତକୁ ନେଇପାରୁନାହାନ୍ତି। ପୌରପାଳିକା ପାଖରେ ପର୍ଯ୍ୟାପ୍ତ ପାଣ୍ଠି ଓ ଯାନ୍ତ୍ରିକ ଦକ୍ଷତାର ଅଭାବ ମଧ୍ୟ ଅନ୍ୟଏକ ମୁଖ୍ୟ ସମସ୍ୟା। ଏଭଳିସ୍ଥଳେ ପୂର୍ତ୍ତ ବିଭାଗର ସମ୍ପୃକ୍ତ ରାସ୍ତାର ନିର୍ମାଣ ଓ ରକ୍ଷଣାବେକ୍ଷଣ ପୌରପରିଷଦ ଦ୍ୱାରା ସମ୍ଭବ ନୁହେଁ। ରାଜ୍ୟସଭା ସାଂସଦ ଶ୍ରୀମତୀ ମହାନ୍ତ ଏଥିନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ପତ୍ରରେ ପୂର୍ତ୍ତ ବିଭାଗ ଓ ନଗର ଉନ୍ନୟନ ବିଭାଗ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଦୂର ପାଇଁ ଉଭୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନେଇ ଏକ ସ୍ଥାୟୀ ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ସାଂସଦ ଶ୍ରୀମତୀ ମହାନ୍ତ ଏହାର ନକଲ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି।

# ଜଳେଶ୍ୱର ବିଧାୟକଙ୍କ ରିଭ୍ୟୁ ମିଟିଂ

# ନିଜସ୍ୱ ଘର ନଥିବା ଅଙ୍ଗନବାଡ଼ି ସ୍କୁଲରେ ଚାଲିବ

ବସ୍ତା ବ୍ଲକ, ୨।୨ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସଭାଗୃହରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ରିଭ୍ୟୁ ମିଟିଂ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବାଲେଶ୍ୱର ଏଡିଏମ, ବସ୍ତା ବିଡ଼ିଓ, ତହସିଲଦାର, ସିଡିପିଓ ବସ୍ତା ଓ ଜଳେଶ୍ୱର, ପୂର୍ବତନ ଭାରପ୍ରାପ୍ତ ସିଡିପିଓ ତଥା ସୁପର ଭାଇଜର ସ୍ନେହଲତା ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ବିଧାୟକ ବିଭିନ୍ନ ବିଭାଗ ଉପରେ ଆଲୋଚନା କରିଥିଲେ। ବସ୍ତା ବ୍ଲକ ର ୧୪ ଟି ପଞ୍ଚାୟତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି। ଏହି ପଞ୍ଚାୟତ ଗୁଡ଼ିକ ମଧ୍ୟରୁ ୮ ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ରୁ ସ୍କୁଲ ବାରଣ୍ଡାରେ ହେଉଛି। ଫଳରେ ଛୋଟ ଛୋଟ ପିଲା ବିପଦ ପୂର୍ଣ୍ଣ ଭାବେ ବସୁଛନ୍ତି। ତେଣୁ ନିଜସ୍ୱ ଗୃହ ନହେବା ପର୍ଯ୍ୟନ୍ତ ଏହି ଅଙ୍ଗନବାଡ଼ି କେନ୍ଦ୍ର କୁ ସ୍କୁଲ ଶ୍ରେଣୀ ଗୃହରେ କରିବାକୁ ପୂର୍ବତନ ଭାରପ୍ରାପ୍ତ ସିଡିପିଓ ଶ୍ରୀମତୀ ଦାସ ଏକ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଧାୟକ ସିକୃତୀ ପ୍ରଦାନ କରିଥିଲେ। ସକାଳ ୭ଟା ରୁ ଦିବା ୧୦ ଟା ପର୍ଯ୍ୟନ୍ତ ଏକ ଶ୍ରେଣୀ ଗୃହରେ ଏହି ଅଙ୍ଗନବାଡ଼ି ଚାଲିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସ୍ୱୀକୃତି ପରେ ବସ୍ତା ଆଇସିଡିଏସ କାର୍ଯ୍ୟାଳୟ ପକ୍ଷରୁ ବସ୍ତା ବିଇଓଙ୍କୁ ଚିଠି ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ବସ୍ତା ନିର୍ବାଚନ ମଣ୍ଡଳୀ ୧୭ ଟି ପଞ୍ଚାୟତରେ ଏହିଭଳି ସ୍ଥିତି ଦେଖି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ବସ୍ତା ବ୍ଲକରେ ୩୨୯ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ଅନେକ ସରକାରୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଥିବାରୁ ଅଙ୍ଗନବାଡ଼ି ମହିଳା କର୍ମୀ ଓ ସହାୟିକାଙ୍କୁ ନେଇ ବୈଠକ କରିବା ପାଇଁ ବହୁ ଅସୁବିଧା ହେଉଥିବାରୁ ଏକ ସ୍ୱତନ୍ତ୍ର ମହିଳା ସଭା ଗୃହ ସହ ତାଙ୍କ ପାଇଁ ଏକ ଶୌଚାଳୟ ପାଇଁ ପୂର୍ବତନ ଭାରପ୍ରାପ୍ତ ସିଡିପିଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରସ୍ତାବକୁ ଜଳେଶ୍ୱର ବିଧାୟକ ଶ୍ରୀ ପାତ୍ରଙ୍କ ସହ ବସ୍ତା ସିଡିପିଓ ଗିନ୍ଦିରୀ ମୁର୍ମୁ ସମର୍ଥନ ଦେଇଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ସୋର,୨।୨(ସମିସ): ସୋର ଥାନା ଗୋପିନାଥପୁର ପଞ୍ଚାୟତ ଦିଗିଭଅଁରା ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଛି। ଗତ ୧୮ ତାରିଖରେ ଏହି ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ଏକ ଗ୍ରୁପରୁ ଟଙ୍କା ଉଠାଇଥିଲେ। ଏହାକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଅହଲ୍ୟା ବିଷ ପିଇ ଦେଇଥିବା ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଅହଲ୍ୟାଙ୍କ ବାପଘର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ୬୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି କରୁଣାକୁ ସୋର ପୁଲିସ ଗିରଫ କରିଥିବା ବେଳେ ଆଜି ପୂର୍ବାହ୍ନରେ ସୋର ମେଡିକାଲରେ ତା'ର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ସୁଶୀଳା ତିରିଆଙ୍କ ବିୟୋଗରେ ଶୋକ



ରାଜଘାଟ, ୨।୨ (ସମିସ): ପୂର୍ବତନ ସାଂସଦ ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶୀଳା ତିରିଆଙ୍କ ବିୟୋଗ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଂଚାୟତ ସ୍ଥିତ ସାନଖୁଡୀ ଠାରେ ଥିବା ଲକ୍ଷ୍ମୀ ବାସନ୍ତୀ ଆବାସିକ ବିଦ୍ୟାଳୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସଂଗେ ସଂଗେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଡ. ଅମର କୁମାର ପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଯୁବ ନେତା ଇଂ ସୁଧାଂଶୁ ଶେଖର ଜେନା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ସରକାରୀ ଅଧିକାରୀ ରଜନୀକାନ୍ତ ପରିଡା, ସମ୍ପାଦିକା ମଞ୍ଜୁଲତା ବିଶ୍ୱାଳ, ଉପଦେଷ୍ଟା ଶ୍ରୀଧର ଦାସ ଯୋଗ ଦେଇ ଉପସ୍ଥିତ କର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ନିକଟରେ ସ୍ୱ?ର୍ଗତା ତିରିଆଙ୍କ ଗୁଣାବଳୀ ଉଲ୍ଲେଖ କରିଥିଲେ। ସେ ସାଂସଦ ଥିବାବେଳେ ଦୁଇ ହଜାର ସାତ ମସିହା ଜୁନ ଚାରି ତାରିଖ ଦିନ ଏହି ଅନୁଷ୍ଠାନର ଚତୁର୍ଥ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ ପ୍ରଥମେ ଏହି ଅନୁଷ୍ଠାନ ଟିକୁ ସହାୟତା ପ୍ରଦାନ କରିଥିଲେ। ଆଜି ଅନୁଷ୍ଠାନଟି ବେଶ୍ ପ୍ରତିଷ୍ଠିତ ହୋଇପାରିଛି। ତାଙ୍କ ଦାନକୁ ଏ ଅନୁଷ୍ଠାନ କେବେ ବି ଭୁଲି ପାରିବ ନାହିଁ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। କାଳଖୁମାଣୀ ଗାଁ ରୁ ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ଯାତ୍ରା ନିଶ୍ଚୟ ସଂଘର୍ଷମୟ ବୋଲି ଉପସ୍ଥିତ ବକ୍ତା ମାନେ କହିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଶେଷରେ ଅଧ୍ୟକ୍ଷା ଅପରାଜିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯତୀନ୍ଦ୍ର ନାଥ ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା

କାଳିପଦା, ୨।୨ (ସମିସ): ସମାଜ ସେବୀ, ଲେଖକ, କବି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ନାଥ ଜେନାଙ୍କ ଏକାଦଶାହ କ୍ରିୟାରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ନାରାୟଣ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ସୁଶାନ୍ତ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପରିଷଦର ସମ୍ପାଦକ ଡ. ବଂକିମ ଜେନା, ଦେବୀ ଦାସ ମହାପାତ୍ର, ରାଜକୃଷ୍ଣ ପାତ୍ର, କବି ସନ୍ୟାସୀ ବେହେରା, ବିଜୟ କୁମାର ପାତ୍ର, କବି କାଳିକିଙ୍କର ଦାସ, ସୌଭାଗିନୀ ମିଶ୍ର, ଭୀମ ଚରଣ ସାମଲ, ମନ୍ମଥ କୁମାର ସାହୁ, ଭୃଗୁରାମ ବିଶ୍ୱାଳ, ସ୍ୱର୍ଗତ ଯତୀନ୍ଦ୍ର ସାରଙ୍କର ମହତ ଗୁଣ, ବିନୟ ଭାବ, ନିରହଂକାର ଗୁଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୁଅ ନିହାର କାନ୍ତି ଜେନା, ଝିଅ ଅଞ୍ଜଳି ଜେନା, ନୀଳିମା ଦାସ, ନିରୋଦ ନଳିନୀ ଜେନା, ଶାନ୍ତିଲତା ଜେନା ଓ ନାତି ପ୍ରଣବ ଓ ପିୟୁଷ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରିଥିଲେ।

## ନାରୀଙ୍କୁ ସମର୍ପିତ ଜଳେଶ୍ୱର ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଜଳେଶ୍ୱର, ୨।୨ (ସମିସ): ଜଳେଶ୍ୱର ମହୋତ୍ସବର ଚତୁର୍ଥ ସନ୍ଧ୍ୟା ନାରୀମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ସନ୍ଧ୍ୟା ଭାବରେ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ଜଗନ୍ନାଥ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଆଜିର ସମୟରେ ମହୋତ୍ସବର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ସାର ଓ ରସାୟନ ବିଭାଗ ନିର୍ଦ୍ଦେଶିକା ଓ ବିଜେପି ନେତ୍ରୀ ସିପ୍ରା ବାଜପେୟୀ ଯୋଗ ଦେଇଥିବା ଅଂଚଳର ବିକାଶ ମହୋତ୍ସବ ସହିତ ଜଡିତ ବୋଲି ମତବ୍ୟକ୍ତ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷା ସଂଜୀତା ସେନାପତି, ଅବସରପ୍ରାପ୍ତ ଅଧାପିକା ଇନ୍ଦୁମତୀ ଗିରି ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ବିକାଶ ସହିତ ବର୍ତ୍ତମାନର ପରିସ୍ଥିତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ସମାଜସେବୀ ଅପର୍ଣ୍ଣା ନନ୍ଦୀ ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୋଗରାଇ, ୨।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଶ୍ରୀବତ୍ସପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀ ନିହାରରଞ୍ଜନ ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବହୁ ଶିକ୍ଷକ ଶିକ୍ଷିକା ଯୋଗଦେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣେ ପ୍ରକୃତ ଦାୟିତ୍ୱ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ବୋଲି ମତ ପ୍ରକାଶ କରିଥିଲେ । ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଶୋକ କୁମାର ସାହୁ ମଞ୍ଚ ଆହ୍ୱାନ କରିଥିବାବେଳେ ରମେଶ ଚନ୍ଦ୍ର ସୁର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋସ୍ନା ରାଣୀ ପଣ୍ଡାଙ୍କ ପୌରୋହିତ୍ୟରେ ପରିଚାଳିତ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଶିକ୍ଷକ ଅରୁଣ ପ୍ରଧାନ, ପୂର୍ବତନ କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବେନୁ ଚରଣ ଜେନା, ଗୌତମ କୁମାର ଦତ୍ତ, ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସ୍ୱାଗତ କୁମାର ସୁର, ସୁଦର୍ଶନ ଦାସ, ସୁଧାଂଶୁ ପାତ୍ର, କାର୍ତ୍ତିକ ଚନ୍ଦ୍ର ପାଳ, ଜଗବନ୍ଧୁ ଖଟୁଆ, ଜାକିର ହୁସେନ, ମୁଖ୍ୟ କିରାଣୀ ଇନ୍ଦୁଭୂଷଣ ଦାସ, ଅଣଶିକ୍ଷା କର୍ମଚାରୀ ରାଜୀବ ଲୋଚନ ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରକାଶ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କାର୍ଯ୍ୟାଳୟରୁ ୨୫ ଜଣ ସିଆରସିସି ସମସ୍ତ ଶିକ୍ଷିକା ଶିକ୍ଷକ, ଶିକ୍ଷାକର୍ମୀ ମାନେ ବ୍ୟାଣ୍ଡ ବାଦ୍ୟରେ ଉଚ୍ଛସିତ ସମ୍ବର୍ଦ୍ଧନା ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବାସ ଭବନକୁ ନେଇଥିଲେ।

## ଭିଟାମାଟି ବଞ୍ଚାଅ ଅଭିଯାନ ଓ ମଶାଲ ଯାତ୍ରା

କାଳିପଦା, ୨।୨ (ସମିସ): ଚୌମୁଖ ବନ୍ଦର ବିରୋଧୀ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଗୁରୁ ଗୌରାଙ୍ଗ ଛକଠାରେ ଭିଟାମାଟି ବଞ୍ଚାଅ ଅଭିଯାନ ଓ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ବନ୍ଦର ହଟାଅ, ପେଟ୍ରୋକେମିକାଲ ହଟାଅ, ଉପକୂଳ ରାଜପଥ ନିର୍ମାଣ ବନ୍ଦ କରାଯାଉ, ଡବଲ ଇଞ୍ଜିନ ସରକାର ହାଏ ହାଏ ଆଦି ନାରା ନେଇ ଏହି ଭିଟାମାଟି ବଞ୍ଚାଅ ଅଭିଯାନ ଓ ମଶାଲ ଶୋଭାଯାତ୍ରା ହୋଇ ଥିଲା। ଏଥିରେ କମିଟିର ନେତା ସୁବାଷ ଚୌଧୁରୀ, ଅରୁଣ ଜେନା, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ସୂଚନା ଅଧିକାର ଅଭିଯାନ ସଂଘ ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା ପ୍ରମୁଖଙ୍କ ନେତୃତ୍ୱରେ ଶହ ଶହ ପୁରୁଷ ମହିଳା ସାମିଲ ହୋଇ ଥିଲେ। ନେତାମାନେ କୌଣସି ପରିସ୍ଥିତିରେ ବନ୍ଦର କରାଇ ଦେବୁ ନାହିଁ ବୋଲି ଭାଷଣରେ ଉଦଘୋଷଣା କରିଥିଲେ। ଶସ୍ୟ ଶ୍ୟାମଳ ଓ ପ୍ରାକୃତିକ ବିଭାବରେ ଭରା ଚୌମୁଖ, ଡଗରା, ବେତଗଡ଼ିଆ, ଅଳା ଡିହା, ନୂଆଗାଁ, ରତାଇ, ପଞ୍ଚୁପାଲି, ଜାମ୍ବୀରାଇ ଆଦି ଉପକୂଳ କୁ ବନ୍ଦର ଓ ପେଟ୍ରୋକେମିକାଲ କମ୍ପାନୀ ହାତରେ ଟେକି ନ ଦେବାକୁ ସୁରକ୍ଷା କମିଟି ଦୃଢ଼ ଦାବି କରିଛି। ଆଗାମୀ ଦିନରେ ଦୁର୍ବାର ଗଣ ଆନ୍ଦୋଳନ ଏଥିପାଇଁ ମୁଣ୍ଡ ଟେକି ଉଠିବ ବୋଲି ସୁରକ୍ଷା କମିଟି ସରକାରଙ୍କୁ ଚେତାବନୀ ଦେଇଛି।

## କଇନଗରୀ ଶ୍ରୀପଞ୍ଚମୀ ମେଳା ଉଦ୍‌ଯାପିତ

ବାଲେଶ୍ୱର,୨।୨(ସମିସ): ବସ୍ତା ବ୍ଲକ୍ ଅନ୍ତର୍ଗତ କଇନଗରୀ ଗ୍ରାମରେ ଶ୍ରୀମଞ୍ଚମୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ମେଳା ୮ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମେଳାର ପ୍ରଥମ ରାତିରେ କୁସୁଡ଼ା, କମର୍ଦ୍ଦାର ଅପେରା ଦାରୁବ୍ରହ୍ମ "ମୋ ଦୁଃଖରେ ତୁ, ମୋ ସୁଖରେ ତୁ', ଦ୍ୱିତୀୟ ରାତିରେ ଜାଗୁଳି, ରେମୁଣାର ଯାତ୍ରା ହଂସିନୀ "ଲୁହର ଠିକଣା, ଆଖିକୁ ଅଜଣା', ତୃତୀୟ ରାତିରେ ଭୋଗରାଇର ଯାତ୍ରା କଳିଙ୍ଗ ସମ୍ରାଟ "ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ଏବଂ ଚତୁର୍ଥ ରାତିରେ ସାତଶୁଳିଆ, କମର୍ଦ୍ଦାର ମା' ମଙ୍ଗଳା ପଲ୍ଲିଶ୍ରୀ ଅପେରା "ଅବୁଝା ଆଖରେ ଅକୁହା କଥା' ନାଟକ ପରିବେଷଣ କରିଥିଲେ। ବସ୍ତା ଓ ବାଲିଆପାଳ ବ୍ଲକ୍‌ରେ ସବୁଠୁ ପୁରୁଣା ଓ ବଡ଼ ଶ୍ରୀପଞ୍ଚମୀ ମେଳା ଭାବେ ବିଖ୍ୟାତ ଏହି ମେଳା। ଏହି ମେଳାର ଉଦ୍‌ଯାପନୀ ଅବସରରେ ସମାଜସେବୀ ଗୋପୀକୃଷ୍ଣ ମହାରି ଓଡ଼ିଆ ଯାତ୍ରା ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିବା ସଂଗେ ସଂଗେ ଏହି ମେଳାର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗାଁମୁଖିଆ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଅଶୋକ ମୈକାପ, ଆନନ୍ଦ ମହାନ୍ତି, ବିଷ୍ଣୁପଦ ମୈକାପ୍, ଆସ୍ତିକ ସାମନ୍ତ, ଝାଡ଼େଶ୍ୱର ମାନ୍ନା, ଭୁଧର ମଣ୍ଡଳ, କମଳାକାନ୍ତ ମୈକାପ ଓ ଗୌରାଙ୍ଗ ମହାକୁଡ଼ ପ୍ରମୁଖ ଏହି ମେଳାକୁ ପରିଚାଳନା କରିଥିଲେ।

## ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ




ଭୋଗରାଇ, ୨।୨ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଦେହୁର୍ଦ୍ଧା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦେବ ଇଣ୍ଟରନାଲ ସ୍କୁଲର ଅପରାହ୍ନରେ ବାର୍ଷିକ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ ଦେବାଶିଷ ବିଶ୍ୱାଳ ଏବଂ ଅଧ୍ୟକ୍ଷ ବୃନ୍ଦାବନ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାର ଉକ୍ତ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ସମସ୍ତ ଶୁଭବୁଦ୍ଧି ସମ୍ପନ୍ନ ଓ ଅଭିଭାବକମାନେ ସାହାଯ୍ୟ ଓ ସହଯୋଗ କରିବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ, ସମ୍ବର୍ଦ୍ଧିତ ପ୍ରତିଭା ସାମ୍ବାଦିକ ଭଗବାନ ଚନ୍ଦ୍ର ବେହେରା, ବିଶ୍ୱଜିତ ମହାନ୍ତି, ଦିଲ୍ଲୀପ ଦାସ ପ୍ରମୁଖ ଯୋଗଦେଇ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଭିତ୍ତିକ ଆଲୋଚନା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା।। ଉକ୍ତ କାର୍ଯ୍ୟକ୍ରମକୁ ସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ପରିଚାଳନା କରିଥିଲେ।

## ସ୍ୱଳ୍ପ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ

ରାଜଘାଟ, ୨।୨ (ସମିସ): ଭାରତ ସରକାରଙ୍କ ରାଷ୍ଟ୍ରୀୟ ଗୋ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ତଥା ବାଲେଶ୍ୱର ଭଦ୍ରକ ଜିଲା ସମବାୟ ଦୁଗ୍ଧ ସଂଘ ଲିମିଟେଡ ଆୟୋଜନରେ ବସ୍ତା ବ୍ଲକ୍ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଚାଷୀପଡ଼ା ଗ୍ରାମର ଦୁଗ୍ଧ ଉତ୍ପାଦନ ମହିଳା ସମବାୟ ସମିତି ଲିଃର କାର୍ଯ୍ୟକର୍ତ୍ତାଙ୍କୁ ନେଇ ସ୍ୱଳ୍ପ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସମବାୟ ସମିତିର ମୁଖ୍ୟ ନିତ୍ୟାନନ୍ଦ ଦତ୍ତଙ୍କ ପୌରହିତ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ହରିଶ୍ଚନ୍ଦ୍ର ଦତ୍ତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ବାଲେଶ୍ୱର ଭଦ୍ରକ ସମବାୟ ସମିତିର ପି ଆଣ୍ଡ ଆଇ ଇନଚାର୍ଜ ଶୁଭେନ୍ଦୁ ମୋହନ ଚନ୍ଦ, ମୁଖ୍ୟବକ୍ତା ଜୟକୃଷ୍ଣ ତ୍ରିପାଠୀ, ସମ୍ମାନନୀୟ ଅତିଥି ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ଜିଲା ପରିଷଦ ଶମ୍ଭୁନାଥ ସେଠୀ, ଅମର୍ଦ୍ଦାରୋ? ପଶୁ ଚିକିତ୍ସକ ଗୟାରାମ ପ୍ରଧାନ, କୃପାସିନ୍ଧୁ ସାହୁ, କାର୍ତ୍ତିକ ସେନାପତି, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏତାଦୃଶ ଯୋଜନାକୁ ଆପଣାଇ ଚାଷୀମାନେ କିପରି ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ଦେଇଥିଲେ। ଶ୍ରୀ ଚାନ୍ଦ ଉପସ୍ଥିତ ଚାଷୀ ମାନଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ହରିହର ପାତ୍ର, ଗଜେନ୍ଦ୍ର ନାଥ ଦତ୍ତ, ଯୋଗେନ୍ଦ୍ର ଦତ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ମହିଳା ସମବାୟ ସମିତିର ମୁଖ୍ୟ ଶ୍ରୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ପଞ୍ଚଲିଙ୍ଗେଶ୍ୱର,୨।୨(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ସାବଜାପୁର ଗ୍ରାମର ବାବୁଲି ବେହେରା (୫୫) ଅଗ୍ନି ଉତ୍ସବ ଉପଲକ୍ଷେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଘରକୁ ଚାଲି ଚାଲି ଫେରୁଥିବା ସମୟରେ ଅଚାନକ ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ। ତେବେ ଭାଲୁ ସହ ବେଶ କିଛି ସମୟ ଲଢ଼ିବା ସହିତ ଚିକ୍ରାର କରିଥିଲେ। ଚିକ୍ରାର ଶୁଣି ଗ୍ରାମବାସୀ ମାନେ ପହଞ୍ଚି ଯିବାରୁ ଭାଲୁ ପଳାଇ ଯାଇଥିଲା। ଭାଲୁ ଆକ୍ରମଣରେ ତାଙ୍କର ୨ଆଖି ନଷ୍ଟ ହୋଇଯିବା ସହ ଅତ୍ୟଧିକ ରକ୍ତ ସ୍ରାବ ହୋଇଥିବା ଜଣାପଡିଛି। ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ପରେ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇ ଚିକିତ୍ସା କରାଯାଇଛି। ଅର୍ଥ ଚିକିତ୍ସା ର ବାଧକ ସାଜିଛି ଏବଂ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା କାରଣରୁ ପରିବାର ମଧ୍ୟ ଅଭାବ ଅସୁବିଧାରେ ରହିଛନ୍ତି । ଉକ୍ତ ଗ୍ରାମରେ ବାରମ୍ବାର ଏହି ଭଳି ଅଭାବନୀୟ ଘଟଣା ଘଟୁଥିବାରୁ ଗ୍ରାମବାସୀ ଗ୍ରାମରେ ରାସ୍ତା ନିର୍ମାଣ ଏବଂ ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଆଲୋକର ବ୍ୟବସ୍ଥା ପ୍ରଶାସନ କରିବା ସହ ଚିକିତ୍ସାରେ ସହଯୋଗ କରିବାକୁ ନିବେଦନ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ନୀଳଗିରି, ୨।୨ (ସମିସ): ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବାଲିଗୋହିରି ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଥିବାର ଦେଖିବାକୁ ମିଳିଛି। ରେମୁଣା ଅଞ୍ଚଳର ଜୟନ୍ତ ସାହୁ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆସିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଖନ୍ତାପଡା ନୂଆପଡ଼ା ଗ୍ରାମର ରଶ୍ମିରଞ୍ଜନ ଜେନା ଆହତ ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ନୀଳଗିରିରେ ମାତିଛନ୍ତି ଗୋରୁ ଚୋର

ନୀଳଗିରି, ୨।୨ (ସମିସ): ଏବେ ଓଡ଼ିଶାର କୋଣ ଅନୁକୋଣରେ ଗୋସେବକ ମାନେ ଗୋରୁ ଚାଲାଣ କାରୀଙ୍କୁ ରୋକ୍ ଦେଉଥିବା ବେଳେ ଏବେ ଦିନରେ ନୁହଁ ରାତିରେ ଅଟୋ ଲଗାଇ ବଜାରରେ ବୁଲୁଥିବା ବୁଲା ଷଣ୍ଢ, ଗାଈ, ବଳଦକୁ ଉଠାଉ ଥିବାର ନଜରକୁ ଆସିଛି। ଏପରି ଏକ ଦୃଶ୍ୟ ସିସି କ୍ୟାମେରାରେ ଦେଖିବାକୁ ମିଳିଛି ନୀଳଗିରି ବଡ଼ଦାଣ୍ଡରେ ପୋଷ୍ଟ ଅଫିସ ନିକଟରେ। ରାତି ପ୍ରାୟ ୧.୪୦ମିନିଟ୍ ସମୟରେ ଏକ ଟାଟା ଏସିଇ ଗାଡ଼ିରେ ୪-୫ଯୁବକ ଆସି ରାସ୍ତାରେ ବୁଲୁଥିବା କିଛି ଗୋରୁକୁ ଗାଡିରେ ଭର୍ତ୍ତି କରିବା ପରେ ପୁଣି ଏକ ଷଣ୍ଢକୁ ଆଣିବାକୁ ଯାଉଥିବା ବେଳେ ଷଣ୍ଢଟି ଧରା ନଦେବାରୁ ଗୋରୁ ଚୋରମାନେ ସ୍ଥାନ ଛାଡି ପଳାଇ ଯାଇଥିଲେ। ଏଭଳି ଏକ ଦୃଶ୍ୟ ସିସି କ୍ୟାମେରାରେ ଦେଖିବାକୁ ମିଳିଛି। ଏଥିପ୍ରତି ପୁଲିସ ନାଇଟ୍ ପାଟ୍ରୋଲିଂକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ଗୀତାବିତ୍ କାହ୍ନୁଗୋପାଳ ଶତପଥୀଙ୍କ ସ୍ମୃତିସଭା



ଚନ୍ଦନେଶ୍ୱର, ୨।୨(ସମିସ): ବିଶିଷ୍ଟ ଗୀତାବିତ, ଭୋଗରାଇର ଅନ୍ୟତମ ପରିଚିତ ଚେହେରା, ପୂର୍ବତନ ସରପଂଚ, ଦକ୍ଷ କ୍ରୀଡାବିତ,କଳାକାର ଦିବଂଗତ କାହ୍ନୁ ଗୋପାଳ ଶତପଥୀ ଥିଲେ ଜଣେ ମୁକୁଟ ବିହିନ ସମ୍ରାଟ। ଜଣେ ଉଭଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ଥିଲେ ବି ସାଧାରଣ ମଣିଷ ପରି ଜୀବନ ଯାପନ କରୁଥିଲେ ବୋଲି ତାଙ୍କ ସ୍ମୃତିଚାରଣ ସଭାରେ ଅତିଥିମାନେ ପ୍ରକାଶ କରିଛନ୍ତି। ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏନେଇ ଆୟୋଜିତ ସଭାକୁ ହୁଗୁଳି ପଞ୍ଚାୟତର ପୂର୍ବତନ ସରପଂଚ ତଥା ସମବାୟବିତ ତପନ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ।। ଏଥିରେ ପୂର୍ବତନ ସରପଞ୍ଚ ଆଶିଷ ଦାସ, ଶିକ୍ଷାବିତ ତଥା ପୂର୍ବତନ ସରପଂଚ ରାଧା ବିନୋଦ ଦାସ, ଭୋଗରାଇ ବ୍ଲକର ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଉପାଧ୍ୟକ୍ଷା ମୀନରାଣୀ ସାସମଲ, ବିଜେପି ନେତା ଅଶିଷ ପାତ୍ର, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର, ଶିକ୍ଷାବିତ ସନ୍ତୋଷ ପାତ୍ର, ଦୀପକ ଜେନା, କଲେଜ ଅଧ୍ୟକ୍ଷ ଅଶୋକ ପ୍ରଧାନ, ସମିତି ସଦସ୍ୟ ଗୋବିନ୍ଦ ଦାସ, ରାଧାକାନ୍ତ ପ୍ରଧାନ, ରବୀନ୍ଦ୍ର ନାଥ ଜେନା ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଚନ୍ଦନେଶ୍ୱର ମନ୍ଦିରର ଇପ ମୌରସୀ ବୁଦ୍ଧଦେବ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ଶେଷରେ ପୁତ୍ର ସନତ ଶତପଥି ଧନ୍ୟବନ୍ଦ ଦେଇଥିଲେ।

# ତ୍ରିଦିବସୀୟ ଜେଆରସି କାଉନସେଲର ପ୍ରଶିକ୍ଷଣ ଉଦ୍‌ଘାଟିତ

ବାଲେଶ୍ୱର/ଜଳେଶ୍ୱର,୨।୨(ସମିସ)




ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର ରେଡ଼କ୍ରସର ଅଧ୍ୟକ୍ଷ ଡ. ବସନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଜୁନିୟର ରେଡ଼କ୍ରସ ଓ ଜିଲ୍ଲା ଜୁନିୟର ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ତ୍ରିଦିବସୀୟ ଅଣ ତାଲିମପ୍ରାପ୍ତ ଜୁନିୟର ରେଡ଼କ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର ପି.ଏମ. ଶ୍ରୀ. ସରକାରୀ ଉଚ୍ଚ ବିଦ୍ୟାଳୟ ଜଳେଶ୍ୱରଠାରେ ଉଦଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଷାଠିଏ ଜଣ କାଉନସେଲର ଭାଗ ନେଇଛନ୍ତି। ପ୍ରଥମ ଦିବସରେ ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ହରେନ୍ଦ୍ର ମହାନ୍ତ, ଜିଲ୍ଲା ଜୁନିୟର ରେଡ଼କ୍ରସ ସମ୍ପାଦକ ତଥା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡେଇ, ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ନାରାୟଣ ପାଇକରାୟ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟ ନାରାୟଣ ଦାସ, ସଭ୍ୟ ଇତିଶ୍ରୀ ରଥ ଓ ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ ଯୋଗ ଦେଇ କାଉନସେଲର ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ସାଧନ କର୍ମୀ ମନୋଜ ଜେନା ମଞ୍ଚ ପରିଚାଳନା କରିଥିଲେ ଓ ରତିକାନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଅନ୍ୟ ସାଧନ କର୍ମୀ ଭାବେ ଦନର୍ଦ୍ଦନ ଖିଲାର ଓ ସୁଦର୍ଶନ ରାଉତ ଯୋଗ ଦେଇଥିଲେ। ଏହି ତିନି ଦିନରେ କାଉନସେଲରମାନଙ୍କୁ ବିଭିନ୍ନ ବିଷୟରେ ଯଥା ରେଡ଼କ୍ରସ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ଏଚ ଆଇ ଭି ଏଡ଼ସ, ସାଇବର ସିକ୍ୟୁରିଟି, ଅଗ୍ନି ନିରାପତ୍ତା ଉପରେ ତାଲିମ ଦିଆଯାଉଛି। କାଉନସେଲର ମାନେ ତାଲିମ ନେବ ପରେ ସେମାନେ ସ୍କୁଲର ପିଲାଙ୍କୁ ବିଭିନ୍ନ ତାଲିମ ଦେବେ ଯାହା ଦ୍ୱାରା ରାସ୍ତାରେ ଆହତ ବ୍ୟକ୍ତିକୁ ପ୍ରାଥମିକ ସହାୟତା ପ୍ରଦାନ କରି ବା ବିଭିନ୍ନ ବିଷୟରେ ସଚେତନତା ସୃଷ୍ଟି କରି ବହୁ ଅମୁଲ୍ୟ ଜୀବନ ବଞ୍ଚା ଯାଇପାରିବେ।

